# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper


₹ 10/-

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVI | YEAR OF OUR LORD JESUS CHRIST, 2024 AUGUST | No.06

### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୮୫:୧-୯)

୧ ହେ ସଦାପ୍ରଭୋ, ତୁମ୍ଭେ ନିଜ ଦେଶ ପ୍ରତି ପ୍ରସନ୍ନ ହୋଇଅଛ; ତୁମ୍ଭେ ଯାକୁବର ବନ୍ଦୀଦଶା ଫେରାଇଅଛ ।

୨ ତୁମ୍ଭେ ଆପଣା ଲୋକମାନଙ୍କ ଅପରାଧ କ୍ଷମା କରିଅଛ, ତୁମ୍ଭେ ସେମାନଙ୍କ ପାପସବୁ ଆଚ୍ଛାଦନ କରିଅଛ ।

୩ ତୁମ୍ଭେ ଆପଣା ସମସ୍ତ କୋପରୁ ନିବୃତ୍ତ ହୋଇଅଛ; ତୁମ୍ଭେ ଆପଣା କ୍ରୋଧର ପ୍ରଚଣ୍ଡତାରୁ ବିମୁଖ ହୋଇଅଛ ।

୪ ହେ ଆମ୍ଭମାନଙ୍କ ପରିତ୍ରାଣର ପରମେଶ୍ୱର, ଆମ୍ଭମାନଙ୍କୁ ଫେରାଅ ଓ ଆମ୍ଭମାନଙ୍କ ପ୍ରତି ତୁମ୍ଭ ବିରକ୍ତି ନିବୃତ୍ତ କର ।

୫ ତୁମ୍ଭେ କି ସଦାକାଳ ଆମ୍ଭମାନଙ୍କ ଉପରେ କ୍ରୁଦ୍ଧ ହେବ ? ତୁମ୍ଭେ କି ପୁରୁଷପରମ୍ପରା ପ୍ରତି ଆପଣା କ୍ରୋଧ ରଖିଥିବ ?

୬ ତୁମ୍ଭର ଲୋକମାନେ ଯେପରି ତୁମ୍ଭଠାରେ ଆନନ୍ଦ କରିବେ, ଏଥିପାଇଁ ତୁମ୍ଭେ କି ପୁନର୍ବାର ଆମ୍ଭମାନଙ୍କୁ ସଜୀବ କରିବ ନାହିଁ ?

୭ ହେ ସଦାପ୍ରଭୋ, ଆମ୍ଭମାନଙ୍କ ପ୍ରତି ଆପଣା ଦୟା ପ୍ରକାଶ କର ଓ ଆମ୍ଭମାନଙ୍କୁ ତୁମ୍ଭ ପରିତ୍ରାଣ ପ୍ରଦାନ କର ।

୮ ସଦାପ୍ରଭୁ ପରମେଶ୍ୱର ଯାହା କହିବେ, ତାହା ଆମ୍ଭେ ଶୁଣିବୁ; କାରଣ ସେ ଆପଣା ଲୋକମାନଙ୍କୁ ଓ ଆପଣା ସଦ୍‌ଭକ୍ତମାନଙ୍କୁ ଶାନ୍ତିର କଥା କହିବେ; ମାତ୍ର ସେମାନେ ପୁନର୍ବାର ମୂର୍ଖତା ପ୍ରତି ନ ଫେରନ୍ତୁ ।

୯ ଯେପରି ଆମ୍ଭମାନଙ୍କ ଦେଶରେ ଗୌରବ ବାସ କରିବ, ଏଥିପାଇଁ ନିଶ୍ଚୟ ତାହାଙ୍କ ଭୟକାରୀମାନଙ୍କ ନିକଟରେ ତାହାଙ୍କ ପରିତ୍ରାଣ ଅଛି ।

# ସଫଳତା ଦେବାର ସଦାପ୍ରଭୁ

## ବାଲ୍-ପରାସୀମ (ଭଗ୍ନସ୍ଥାନ)

THE LORD OF BREAKTHROUGHS (2 samuel 5:20)


ସମ୍ମାନୀୟା, ମୁଖ୍ୟ ସଂପାଦିକା, ରେଭ୍. ଆଞ୍ଜେଲିନା ସେଲ୍‌ଭାକୁମାରୀ




ମୋର **"ଆହ୍ୱାନର ପ୍ରତିଧ୍ୱନି"** ସଂପ୍ରସାରିତ ପରିବାରକୁ ଅଭିବାଦନ । ଏହି ପୃଷ୍ଠାଗୁଡ଼ିକ ମାଧ୍ୟମରେ ଆପଣମାନଙ୍କ ସହିତ ସଂଯୁକ୍ତ ହେବା ମୋ' ପାଇଁ ସର୍ବଦା ବଡ଼ ଖୁସିର ବିଷୟ ଅଟେ । ଗ୍ରୀଷ୍ମ ଋତୁ ଶେଷ ହେବାକୁ ଯାଉଥିବା ସମୟରେ, ଆମେ ଏକ ନୂତନ ଋତୁ ମଧ୍ୟକୁ ଅଗ୍ରସର ହେଉଅଛୁ । ପ୍ରତ୍ୟେକ ଋତୁରେ ଏହାର ନିଜସ୍ୱ ଅସାଧାରଣ ସୌନ୍ଦର୍ଯ୍ୟ ରହିଛି । ଆମେ ଅଭିବୃଦ୍ଧି ନିମନ୍ତେ ଉଭୟ ଉତ୍ତାପ ଓ ବୃଷ୍ଟି ଆବଶ୍ୟକ କରୁ । ବାଇବଲ ଆମକୁ ଏହି ଶିକ୍ଷା ଦିଏ ଯେ **"ପରମେଶ୍ୱର ପ୍ରତ୍ୟେକ ବିଷୟକୁ ତାହାର ସମୟରେ ଶୋଭିତ କରିଅଛନ୍ତି"** (ଉପଦେଶକ ୩:୧୧) । ଶଲୋମନ ଯେପରି କହିଥିଲେ, ସେହିପରି ସୂର୍ଯ୍ୟ ତଳେ ପ୍ରତ୍ୟେକ ବିଷୟ ପାଇଁ ଏକ ସମୟ ଓ ଏକ ଋତୁ ଅଛି । ଆପଣ ଏହି ବର୍ଷରେ ଏପର୍ଯ୍ୟନ୍ତ ଯେଉଁ ଅନୁଭୂତି ପାଇଛନ୍ତି, ତା'


(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)



ଆହ୍ୱାନର ପ୍ରତିଧ୍ୱନିର



ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ


ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା - ସକାଳ ୮.୩୦ରେ

* Please Subscribe and Share *

ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Angeline S. Kumari, M.A., M.Sc., M.Ed.
HON. MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM., MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858 95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

**"ପରମେଶ୍ୱର ଧନ୍ୟ ହୁଅନ୍ତୁ, ସେ ମୋହର ପ୍ରାର୍ଥନା କିଅବା ମୋ'ଠାରୁ ଆପଣା ଦୟା ଦୂର କରି ନାହାନ୍ତି" (ଗୀତସଂହିତା ୬୬:୨୪) ।**

## ପ୍ରିୟ ଭାଇ ଓ ଭଉଣୀମାନେ,

*ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ "ଆହ୍ୱାନର ପ୍ରତିଧ୍ୱନି" ମୁଖ୍ୟାଳୟରୁ ଆପଣମାନଙ୍କୁ ଓ ଆପଣଙ୍କର ପ୍ରିୟଜନମାନଙ୍କୁ ହାର୍ଦ୍ଦିକ ଅଭିବାଦନ ଜଣାଉଅଛୁ ।*

*ଆପଣମାନେ ଆମ ପାଇଁ କେତେ ସ୍ୱତନ୍ତ୍ର, ତାହା ଆମେ ପ୍ରକାଶ କରିବାକୁ ଇଚ୍ଛା କରୁଅଛୁ । ବର୍ଷ ବର୍ଷ ଧରି, ୧୯୬୯ରେ "ଆହ୍ୱାନର ପ୍ରତିଧ୍ୱନି"ର ଆରମ୍ଭ ପରଠାରୁ ଆପଣମାନେ ଆପଣମାନଙ୍କର ପିତାମାତା ଓ ପିତାମହ ପିତାମହୀଙ୍କ ସହିତ ଆମର ଏହି ଆତ୍ମିକ ଯାତ୍ରାରେ ଆମ ସଙ୍ଗେ ଯୋଗ ଦେଇଛନ୍ତି । ଏହି ସମସ୍ତ ସମୟ ଆମ ସହିତ ରହିଥିବା ଈଶ୍ୱରଙ୍କ ଅନୁଗ୍ରହ ଉପରେ ଚିନ୍ତା କରିବା ଦ୍ୱାରା ଆମେ ଅତି ଆନନ୍ଦିତ ହେଉ ।*

*ଆମେ ଅଗଷ୍ଟ ୧୦ ତାରିଖରେ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା ବିଭିନ୍ନ କାର୍ଯ୍ୟର ୫୬ତମ ବର୍ଷ ମଧ୍ୟରେ ପ୍ରବେଶ କରୁଥିବା ସମୟରେ, ଏହି ସମଗ୍ର ବର୍ଷଗୁଡ଼ିକରେ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କର ବିଜୟ ଓ ବିଶ୍ୱସ୍ତତାରେ ଆନନ୍ଦ କରିବା ପାଇଁ ଆପଣମାନଙ୍କ ସହିତ ହାତ ମିଳାଉଅଛୁ । ଲୋକମାନଙ୍କର ଓ ଈଶ୍ୱରଙ୍କ ଦୃଷ୍ଟିରେ, ଆମର କାର୍ଯ୍ୟ ଗୁରୁତ୍ୱହୀନ ଦେଖା ଯାଉଥିଲେ ମଧ୍ୟ, ଆମ ପ୍ରତି ଆପଣମାନଙ୍କର ଅବିଚଳିତ ଦୟା ଓ ପ୍ରେମ ନିମନ୍ତେ ଆମେ ଆପଣମାନଙ୍କୁ ଆନ୍ତରିକ ଭାବରେ ପ୍ରଶଂସା କରୁଅଛୁ ଓ ଧନ୍ୟବାଦ ଦେଉଅଛୁ । ଆପଣମାନଙ୍କର ପ୍ରାର୍ଥନା, ଦାନ ଓ ସହାୟତା ଆମ ପାଇଁ ସମଗ୍ର ଜଗତ ସଦୃଶ ଅଟେ । ଈଶ୍ୱର ସ୍ୱର୍ଗର ଝର୍କା ଉନ୍ମୁକ୍ତ କରି ଆପଣମାନଙ୍କ ଉପରେ ମଧ୍ୟ ପ୍ରଚୁର ଆଶୀର୍ବାଦ ବୃଷ୍ଟି କରନ୍ତୁ ବୋଲି ମୁଁ ଆନ୍ତରିକ ଭାବରେ ପ୍ରାର୍ଥନା କରୁଅଛି ।*

*ଏହି ବର୍ଷ, ଯଦି ଈଶ୍ୱର ଇଚ୍ଛା କରନ୍ତି, ତେବେ ଆମେ ନିରାଡ଼ମ୍ବର ଭାବରେ ଅଗଷ୍ଟ ୯–୧୧ ପର୍ଯ୍ୟନ୍ତ ୫୬ତମ ବାର୍ଷିକୀ ସୁସମାଚାର ସଭାର ଆୟୋଜନ କରିବୁ । କାର୍ଯ୍ୟକ୍ରମ ମଧ୍ୟରେ ସନ୍ଧ୍ୟା ସୁସମାଚାର ସଭା, ଯୁବ କାର୍ଯ୍ୟକ୍ରମ ଓ ପିଲାମାନଙ୍କ ପାଇଁ କାର୍ଯ୍ୟକ୍ରମ ରହିଛି ଓ ସେଗୁଡ଼ିକ ଆମର ମୁଖ୍ୟ ଉପାସନାଳୟରେ ଅନୁଷ୍ଠିତ ହେବ । ଯଦି ଆପଣମାନେ ସେହି ସମୟରେ ଚେନ୍ନାଇ ଆସୁଥିବେ, ତେବେ ଆପଣମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଆମେ ସାଦର ନିମନ୍ତ୍ରଣ ଜଣାଉଅଛୁ ।*

*ବ୍ୟୟ ବହୁଳ ଉତ୍ସବ ପାଳନ ନିମନ୍ତେ ଆମ ପାଖରେ ସମ୍ବଳ ନ ଥିଲେ ମଧ୍ୟ, ଆମ ନିକଟରେ ଯେତିକି ଅଛି, ସେତିକି ସମ୍ବଳ ସହିତ ଆମର ବିଶ୍ୱସ୍ତ ପ୍ରଭୁ, ଯୀଶୁ ଖ୍ରୀଷ୍ଟଙ୍କର ଗୌରବ ନିମନ୍ତେ ପ୍ରଚାର କରିବା ପ୍ରତି ଆମେ ସମର୍ପିତ ଅଟୁ ।*

*୨୦୨୪ ଜୁନ ୨୮ ରୁ ୩୦ ମଧ୍ୟରେ ଆମେ ଆମର ମିଶନ କେନ୍ଦ୍ରଗୁଡ଼ିକୁ ଦେଖିବା ପାଇଁ, ଏଇ ନିକଟରେ ଗୁଜୁରାଟର ଡୁମଡା ଓ ଅକିରପଡ଼ା ନାମକ ଦୁଇଟି ଦୁର୍ଗମ ଗ୍ରାମକୁ ଯାତ୍ରା କରିଥିଲୁ । ଭାରତ ଓ ଭାରତ ବାହାରେ ଥିବା ଆହୁରି ଅନେକ ସ୍ଥାନକୁ ଯିବା ପାଇଁ ଆମର ଯୋଜନା ଅଛି । ଆମର ଉଦ୍ୟମ ପାଇଁ ଆମେ ଏକାନ୍ତ ଭାବେ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ ।*

*ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ଆମେ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କର ଗୌରବ ନିମନ୍ତେ ଯେଉଁ ସ୍ଥାନକୁ ଗଲେ ମଧ୍ୟ, ସେଠାରେ ସୁସମାଚାର ପ୍ରଚାର କରିବା, ନେତାମାନଙ୍କୁ ଉଠାଇବା ଓ ମଣ୍ଡଳୀ ସବୁ ସ୍ଥାପନ କରିବା ଅବ୍ୟାହତ ରଖୁଅଛୁ ।*

*ଆମେ ଆମ ପରିବାର ଓ ସେବାକାର୍ଯ୍ୟ ଗୁଡ଼ିକରେ, ବିଭିନ୍ନ ପରୀକ୍ଷା ଓ ପ୍ରଲୋଭନର ସମ୍ମୁଖୀନ ହେବା ସତ୍ତ୍ୱେ, ଆପଣମାନଙ୍କର ଅବିଚଳିତ ସହାୟତା ନିମନ୍ତେ କୃତଜ୍ଞ ଅଟୁ । ଆମେ ଆପଣମାନଙ୍କ ସହିତ ହାତକୁ ହାତ ମିଳାଇ ଅଗ୍ରସର ହେଉଅଛୁ । ଦୟାକରି, ପ୍ରଭୁ ଯେପରି ଆପଣମାନଙ୍କୁ ଚାଳନା ଦିଅନ୍ତି, ସେହିପରି ଭାବେ ଆପଣମାନଙ୍କର ଚିନ୍ତାରେ ଓ କାର୍ଯ୍ୟରେ ଆମକୁ ରଖନ୍ତୁ । ଆମେ ଆମ ହୃଦୟରେ ଆପଣମାନଙ୍କୁ ଅତି ପ୍ରେମରେ ଧରି ରଖିଛୁ ଓ ଆପଣମାନଙ୍କ ପାଇଁ ପ୍ରାର୍ଥନା ଉତ୍ସର୍ଗ କରୁଅଛୁ ।*

*ପ୍ରେମ ଓ ଆଶୀର୍ବାଦର ସହିତ,*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

ପାଳକ ଆଲେକ୍ସ ସାମ୍‌ସନ୍ ସାମ୍

ପାଳକ ଏସ୍.ସାମ୍.ସେଲ୍‌ଭାରାଜ

(+91) 98412 71858 / 98410 71858, E.mail : sam@echoofhiscall.org

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

**ଦୟାକରି ଧ୍ୟାନ ଦିଅନ୍ତୁ : ଆହ୍ୱାନର ପ୍ରତିଧ୍ୱନିର ପାଠକଗଣ**

ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ବାର୍ତ୍ତା ପ୍ରତିଦିନ ଭୋର ୨ଟାରେ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସାରିତ ହେଉଅଛି । ଆପଣମାନେ ବାର୍ତ୍ତାଗୁଡ଼ିକୁ ଶୁଣିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ପାଇପାରିବେ । ଅଧିକନ୍ତୁ, ଆପଣମାନଙ୍କ ମୋବାଇଲ୍ ଫୋନ୍‌ରେ ମୋର ମୋବାଇଲ ନମ୍ବର (+୯୧) ୯୮୪୧୦୭୧୮୫୮, (+୯୧) ୯୮୪୧୨୭୧୮୫୮ (ବ୍ୟକ୍ତିଗତ) ସଂରକ୍ଷିତ ରଖନ୍ତୁ ।

**ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍**

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ବିଷୟରେ ମୁଁ ଅନିଶ୍ଚିତ ଅଟେ, ମାତ୍ର ମନେରଖନ୍ତୁ, ଏ ପର୍ଯ୍ୟନ୍ତ ସର୍ବୋତ୍ତମ ବିଷୟ ଆସି ନାହିଁ । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକୁ ଗ୍ରହଣ କରିବା, ଶିକ୍ଷା କରିବା । ପ୍ରାୟତଃ, ଆମେ ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକ ବିଷୟରେ ଅଜ୍ଞାତ ଥାଉ, ମାତ୍ର ସେଗୁଡ଼ିକ ଆମର ନିଜସ୍ୱ କରିବା ପାଇଁ ସଂଘର୍ଷ କରୁ ।

ଆମ ଜୀବନରେ ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକୁ ସଫଳ ହେବାର ଦେଖିବା ପାଇଁ ହୁଏତ ସପ୍ତାହ ସପ୍ତାହ, ମାସ ମାସ, ବର୍ଷ ବର୍ଷ କିମ୍ବା ଦଶ ଦଶ ବର୍ଷ ଲାଗିପାରେ । ଦାଉଦଙ୍କୁ ଶାମୁୟେଲ ଅଭିଷିକ୍ତ କରିବାଠାରୁ ଆରମ୍ଭ କରି ଇସ୍ରାଏଲର ରାଜା ହେବା ପର୍ଯ୍ୟନ୍ତ ତାଙ୍କୁ ତାଙ୍କ ଜୀବନ ଉପରେ ଥିବା ଭାବବାଣୀର ସଫଳତା ଦେଖିବା ପାଇଁ ୧୫ ରୁ ୨୦ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼ିଥିଲା । ଈଶ୍ୱର କ୍ଷିପ୍ର ହୁଅନ୍ତି ନାହିଁ କିମ୍ବା ବିଳମ୍ବ କରନ୍ତି ନାହିଁ, ସେ ନିଜର ଯଥାର୍ଥ ସମୟ ଅନୁସାରେ କାର୍ଯ୍ୟ କରନ୍ତି । ସେ କିପରି ନିଜର ନିରୂପିତ ସମୟରେ ନିଜର ଯୋଜନାକୁ ଉନ୍ମୋଚନ କରନ୍ତି, ଏହା ଦେଖିବା ପାଇଁ ଆମକୁ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ହେବ । ଦାଉଦ ଏହାକୁ ବୁଝିଥିଲେ ଓ ସେଥିପାଇଁ ସେ ''ପ୍ରଭୁଙ୍କ ପାଇଁ ଅପେକ୍ଷା କରିବା ନିମନ୍ତେ'' ବାରମ୍ବାର ନିଜକୁ ସ୍ମରଣ କରାଇ ଦେଉଥିଲେ । ଏହି ବିଷୟ ତାଙ୍କର ଗୀତଗୁଡ଼ିକରେ ଅନେକ ଥର ଉଲ୍ଲିଖିତ ଅଛି । ଈଶ୍ୱରଙ୍କ ଗୁଣଗୁଡ଼ିକ ବିଷୟରେ ଦାଉଦଙ୍କର ବର୍ଣ୍ଣନା ବାଇବଲରେ ଅତୁଳନୀୟ ଅଟେ, ଯଥା – ଈଶ୍ୱର ପ୍ରାର୍ଥନାଗୁଡ଼ିକର ଉତ୍ତର ଦିଅନ୍ତି, ଆମର ଅଶ୍ରୁଗୁଡ଼ିକୁ ସଞ୍ଚୟ କରିରଖନ୍ତି, ସେ ଜଣେ ମେଷପାଳକ, ଆଶ୍ରୟସ୍ଥାନ, ବିଶ୍ରାମସ୍ଥାନ, ପଥ ପ୍ରଦର୍ଶକ, ବନ୍ଧୁ, ମାତା, ପିତା, ସ୍ୱାମୀ, ସାଥୀ, ଶୈଳ, ଛାୟା ଅଟନ୍ତି । ତାଙ୍କର ନାମଗୁଡ଼ିକ ତାଙ୍କ ଜୀବନାନୁଭୂତିରେ ପ୍ରତିଫଳିତ ହୋଇଛି । ଯେଉଁ ନାମଟି ମୋ' ପାଇଁ ପ୍ରତିଧ୍ୱନିତ ହୁଏ, ତାହା ୨ ଶାମୁୟେଲ ୫:୨୦ରେ ଥିବା ''ବାଲ୍-ପରାସୀନ'' ଶବ୍ଦ । ଏହାର ଅର୍ଥ ହେଉଛି, ''ଭଗ୍ନ-ସ୍ଥାନ'', ଅର୍ଥାତ୍ ''ବାଧା ଦୂର କରୁଥିବା ଈଶ୍ୱର'' । ଠିକ୍ ଯେପରି କ୍ଷିପ୍ର ଗତିରେ ଜଳ ଉଚ୍ଛୁଳି ଉଠି ଏହାର ପଥ ମଧ୍ୟରେ ଥିବା ପ୍ରତିବନ୍ଧକଗୁଡ଼ିକୁ ଭାଙ୍ଗିଦିଏ, ଈଶ୍ୱର ସେହିପରି ପ୍ରତିବନ୍ଧକଗୁଡ଼ିକୁ ଭାଙ୍ଗିଦେଇ ସଫଳତା ଆଣନ୍ତି । ଏହା ଅତି ଶକ୍ତିଶାଳୀ ନାମ ଅଟେ ।

ଗୋଟିଏ କଳ୍ପନା କିମ୍ବା ସ୍ୱପ୍ନ ଅନୁସାରେ ବ୍ୟକ୍ତି ବିଶେଷ, ବ୍ୟବସାୟ ଓ ଗୃହ ଗୁଡ଼ିକର ନାମ ଦେବା ଏକ ପ୍ରଥା ଅଟେ । ଯାହା ଗୁରୁତ୍ୱପୂର୍ଣ୍ଣ ଅର୍ଥ ଓ ଶକ୍ତି ବହନ କରେ । ନାମ ଦେବା ସମୟରେ, ଈଶ୍ୱରଙ୍କଠାରୁ ଜ୍ଞାନ ଅନ୍ୱେଷଣ କରିବା ପାଇଁ ପରାମର୍ଶ ଦିଆଯାଏ, କାରଣ ନାମଗୁଡ଼ିକରେ ଏକ ବିଶେଷ ଅଭିଷେକ ଥାଏ ବୋଲି ବିଶ୍ୱାସ କରାଯାଏ, ନାମଗୁଡ଼ିକରେ ପ୍ରାୟ ଗଭୀର ଅର୍ଥ ରହିଥାଏ ।

## ରଫାୟିମ ଉପତ୍ୟକା

ମୁଁ ବାଲ୍ – ପରାସୀନ୍ ନାମର ପୃଷ୍ଠଭୂମି ପ୍ରଦାନ କରିଛି ।

୨ ଶାମୁୟେଲ ୫ ଅଧ୍ୟାୟରେ, ଇସ୍ରାଏଲର ରାଜା ଭାବରେ ଦାଉଦଙ୍କର ଅଭିଷେକ ତାଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ସମୟକୁ ଚିହ୍ନଟ କରିଥିଲା । ଈଶ୍ୱରଙ୍କ ଉତ୍ତମତାକୁ ଉପଭୋଗ କରିବା ଓ ଗୋଟିଏ ଜୀବନଦାୟକ ବୃକ୍ଷ ତୁଲ୍ୟ ସଫଳତାର ଅନୁଭୂତି ପାଇବା ସତ୍ତ୍ୱେ (ହିତୋପଦେଶ ୧୩:୧୨), ଦାଉଦ ଆକସ୍ମିକ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୋଇଥିଲେ । ମିଥ୍ୟାବାଦୀ ଓ ଏକ ଗର୍ଜନକାରୀ ସିଂହ ଭାବରେ ଚିତ୍ରିତ ହୋଇଥିବା ଶୟତାନ ଦାଉଦଙ୍କର ଶାନ୍ତି, ସୁଖ ଓ ଆନନ୍ଦରେ ବାଧା ସୃଷ୍ଟି କରିବା ପାଇଁ ଚେଷ୍ଟା କରିଥିଲା ଓ ତାଙ୍କ ପ୍ରତି ଥିବା ଆଶୀର୍ବାଦଗୁଡ଼ିକୁ ନ୍ୟୁନ କରିବା ପାଇଁ ଲକ୍ଷ୍ୟ ରଖିଥିଲା ।

ପଲେଷ୍ଟୀୟମାନେ ଦାଉଦଙ୍କର ଅଭିଷେକ କଥା ଶୁଣି ରଫାୟିମ ଉପତ୍ୟକାରେ ଛାଉଣି ସ୍ଥାପନ କରିଥିଲେ । ଏହି ରଫାୟିମ ଏପରି ଏକ ଯୁଦ୍ଧ କ୍ଷେତ୍ରର ପ୍ରତୀକ ଥିଲା ଯେଉଁଠାରେ ବିଶାଳକାୟ ଯୋଦ୍ଧା ବିଚରଣ କରୁଥିଲେ ।

## ୧. ଈଶ୍ୱରଙ୍କ ଯୋଜନାର କେନ୍ଦ୍ରରେ ରହିବା ଦ୍ୱାରା ଶୟତାନର ଦୃଷ୍ଟି ଆକର୍ଷିତ ହୁଏ ।

ଶତ୍ରୁ ପକ୍ଷ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପ ଈଶ୍ୱରଙ୍କ ଇଚ୍ଛା ସହିତ ସମ୍ମିଳିତ ହେବା ସମୟରେ ହିଁ ବିରୋଧୀମାନେ ଏହାର ସମ୍ମୁଖୀନ ହେଉଥିବା ବିଷୟକୁ ଚିତ୍ରିତ କରେ । ଦାଉଦ ଆସନ୍ନ ବିପଦକୁ ଚିହ୍ନି ଯୁଦ୍ଧରେ ନିୟୋଜିତ ହେବା ପୂର୍ବରୁ ସ୍ୱର୍ଗୀୟ ଚାଳନା ଅନ୍ୱେଷଣ କରିଥିଲେ ଓ ଈଶ୍ୱରଙ୍କ ଯୋଜନା ଉପରେ ନିର୍ଭରଶୀଳତା ପ୍ରଦର୍ଶନ କରିଥିଲେ ।

ପରିବେଷ୍ଟିତ ହେବା ଓ ଫାନ୍ଦରେ ପଡ଼ିବା ଭଳି ଅନୁଭବ ଆସିବା ସତ୍ତ୍ୱେ, ବିଶ୍ୱାସୀମାନଙ୍କୁ ଏହା ସ୍ମରଣ କରିବା ପାଇଁ ଉତ୍ସାହିତ କରାଯାଇଛି ଯେ ସୈନ୍ୟାଧିପତି ସଦାପ୍ରଭୁ ସର୍ବ ବିଦ୍ୟ ଅଟନ୍ତି । ଶତ୍ରୁର ଏକ ଦୃଢ଼ ସ୍ଥାନ ଭାବରେ ଦେଖା ଯାଉଥିବା ରଫାୟିମ ଉପତ୍ୟକା ସ୍ୱର୍ଗୀୟ ହସ୍ତକ୍ଷେପର ଏକ ସ୍ଥାନରେ ପରିଣତ ହୋଇଥିଲା । କାରଣ ଈଶ୍ୱର ଜଳର ଏକ ସ୍ରୋତ ସଦୃଶ ବିରୋଧୀମାନଙ୍କୁ ଛିନ୍ନଭିନ୍ନ କରିଥିଲେ । ଏହି ବିଜୟ ବାଲ୍-ପରାସୀନ, ସଫଳତା ଦେଉଥିବା ଈଶ୍ୱର ଭାବରେ ତାଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲା । ସେ ପରାଜୟକୁ ବିଜୟରେ ପରିଣତ କରିବା ପାଇଁ ସମର୍ଥ ଅଟନ୍ତି ।

ପ୍ରିୟ ବନ୍ଧୁଗଣ, ମନେରଖନ୍ତୁ, ଏହା ଆପଣଙ୍କ ଭଗ୍ନ-ସ୍ଥାନ ଅଟେ ! ପ୍ରାର୍ଥନା କରନ୍ତୁ, ଏହାକୁ ଦାବୀ କରନ୍ତୁ, ଏହାକୁ ସ୍ୱୀକାର କରନ୍ତୁ ଓ ବିଶ୍ୱାସର ସହିତ ଏହାକୁ ଘୋଷଣା କରନ୍ତୁ । ଯେ ''ଏହା ମୋର ଭଗ୍ନ ହେବାର ଓ ସଫଳତା ପାଇବାର ସମୟ ଅଟେ । ବାଲ୍ ପରାସୀନ ମୋତେ ଚାଳନା ଦେବେ, ମୋ' ବିରୁଦ୍ଧରେ, ମୋ' ପରିବାର ବିରୁଦ୍ଧରେ, ମୋର ବିବାହ ବିରୁଦ୍ଧରେ, ମୋର ବ୍ୟବସାୟ ବିରୁଦ୍ଧରେ, ମୋର ପିଲାମାନଙ୍କ ବିରୁଦ୍ଧରେ, ମୋର ସେବାକାର୍ଯ୍ୟ ବିରୁଦ୍ଧରେ ପ୍ରସ୍ତୁତ ହେଉଥିବା ଯେ କୌଣସି ଅସ୍ତ୍ରକୁ ସେ ବିନଷ୍ଟ କରିବେ । ... ସେ ବାଲ୍ ପରାସୀନ ଅଟନ୍ତି ।'' ଏହାକୁ ଅଟଳ ବିଶ୍ୱାସ ସହିତ ବଡ ପାଟିରେ କହନ୍ତୁ । ବର୍ତ୍ତମାନର ପରିସ୍ଥିତି ଉପରେ ଦୃଷ୍ଟିନିବଦ୍ଧ କରନ୍ତୁ ନାହିଁ, ପ୍ରଭୁଙ୍କର ଯୋଜନାରେ ବିଶ୍ୱାସ କରନ୍ତୁ । ସାତଦିନ ଧରି ଯିରୀହୋ ପ୍ରାଚୀରର ଚତୁର୍ଦ୍ଦିଗରେ ଅଗ୍ରସର ହେବା ଇସ୍ରାଏଲୀୟମାନଙ୍କ ପକ୍ଷେ ଯେପରି ଅଯୌକ୍ତିକ ମନେ ହେଉଥିଲା, ସେହିପରି ଆମେ ମଧ୍ୟ ଆମର ନିଜର ଜ୍ଞାନ ଉପରେ ନିର୍ଭର କରିବା ଆବଶ୍ୟକ ନୁହେଁ । ଈଶ୍ୱର ଯେ କେବଳ ମୋଶାଙ୍କ ହସ୍ତରେ ଥିବା ଏକ ଯଷ୍ଟି ସାହାର୍ଯ୍ୟରେ ତାଙ୍କ ଲୋକମାନଙ୍କୁ ଉଦ୍ଧାର କରିପାରିବେ, ଏହାକୁ ବିଶ୍ୱାସ କରିବା ମୋଶାଙ୍କ ପାଇଁ ଅର୍ଥହୀନ ଥିଲା । ବିଶ୍ୱାସର ଚକ୍ଷୁ ସହିତ ବିଷୟଗୁଡ଼ିକ ପ୍ରତି ଦୃଷ୍ଟିପାତ କରନ୍ତୁ ଓ ଏହା ବିଶ୍ୱାସ କରନ୍ତୁ ଯେ ବାଲ୍ ପରାସୀନ୍ ଭାବରେ ଈଶ୍ୱର ଆମ ଶତ୍ରୁମାନଙ୍କୁ ପରାସ୍ତ କରିବା ପାଇଁ ଆଗେ ଆଗେ ଯାଉଅଛନ୍ତି । ଆମେନ୍ ।

## ୨. ଆକ୍ରମଣର ଶୀକାର ହେବା ସମୟରେ, ଈଶ୍ୱରଙ୍କ ଉପସ୍ଥିତି ମଧ୍ୟକୁ ଯାଆନ୍ତୁ

ଅତର୍କିତ ଆକ୍ରମଣର ସମ୍ମୁଖୀନ ହେବା ସମୟରେ ଓ ପାପ କିମ୍ବା ଅଚଳାବସ୍ଥାର ଚକ୍ର ମଧ୍ୟରେ ପଡ଼ିଯିବା ସମୟରେ, ଅର୍ଥାତ୍ ଉନ୍ନତି ଆଉ ସମ୍ଭବ ନୁହେଁ ବୋଲି ଅନୁଭବ ଆସିବା ସମୟରେ, ଆମକୁ ଏକ ଭଗ୍ନ ସ୍ଥାନ ନିମନ୍ତେ ଈଶ୍ୱରଙ୍କ ଉପସ୍ଥିତି ଖୋଜିବାକୁ ହେବ । ଶତ୍ରୁମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇଛନ୍ତି ବୋଲି ଉପଲବ୍ଧି କରି, ଦାଉଦ ଚାଳନା ନିମନ୍ତେ ପ୍ରଭୁଙ୍କ ପ୍ରତି ଫେରିଥିଲେ । ଆମେ ଆମର ପ୍ରକାଶ୍ୟରେ ପ୍ରଭୁଙ୍କ ନିକଟକୁ ଆମର ସମସ୍ୟାଗୁଡ଼ିକୁ ଆଣୁ କି ? ଆପଣଙ୍କ କାର୍ଯ୍ୟଗୁଡ଼ିକ ମଧ୍ୟରେ ଟିକେ ଅଟକି ଯାଆନ୍ତୁ, ଈଶ୍ୱରଙ୍କର ଦୃଢ଼ଗଡ଼ ମଧ୍ୟକୁ ପଳାୟନ କରନ୍ତୁ ଓ ଉଦ୍‌ଯୋଗପୂର୍ଣ୍ଣ ଭାବରେ ପ୍ରାର୍ଥନା କରନ୍ତୁ । ନମ୍ର ଭାବରେ ତାଙ୍କର ଉପସ୍ଥିତି ନିକଟକୁ ଯାଆନ୍ତୁ, ମାଗନ୍ତୁ, ଖୋଜନ୍ତୁ ଓ ତାଙ୍କ ଦ୍ୱାର ଉପରେ କରାଘାତ କରନ୍ତୁ । ସଦାପ୍ରଭୁଙ୍କ ନାମ ଦୃଢ଼ଗଡ଼, ଧାର୍ମିକ ଲୋକ ତହିଁକି ପଳାଇ ରକ୍ଷା ପାଏ ।

ଦାଉଦ ଯେତେବେଳେ ନିଜକୁ ପରିବେଷ୍ଟିତ ଦେଖିଥିଲେ, ସେତେବେଳେ ସ୍ୱର୍ଗୀୟ ହସ୍ତକ୍ଷେପ ନିମନ୍ତେ ପ୍ରାର୍ଥନାରେ ନମ୍ର ଭାବରେ ଆଣ୍ଠୁ ଭାଙ୍ଗି ଈଶ୍ୱରଙ୍କ ପରାମର୍ଶ ଅନ୍ୱେଷଣ କରିଥିଲେ । ବାଇବଲର ୨ ଶାମୁୟେଲ ୫:୧୯ରେ ଲେଖାଯାଇଛି, **“ଈଶ୍ୱର ପ୍ରତ୍ୟୁତ୍ତର ଦେଇଥିଲେ ।”** ଆମେ ଏପରି ଜଣେ ଈଶ୍ୱରଙ୍କ ଉପାସନା କରୁ, ଯିଏ ପ୍ରାର୍ଥନା ଶୁଣନ୍ତି ଓ ଏହାର ଉତ୍ତର ଦିଅନ୍ତି, ମାତ୍ର ଆମର ମାଗିବା ଆନ୍ତରିକ ହେବା ଆବଶ୍ୟକ । ସଫଳତା ପ୍ରାପ୍ତି ନିମନ୍ତେ ଜଣଙ୍କୁ ଏକାଗ୍ରତା, ଅତି ମନୋଯୋଗିତା ଓ ସ୍ପଷ୍ଟ ଉତ୍ତର ନ ମିଳିବା ପର୍ଯ୍ୟନ୍ତ ଅଟଳ ଭାବରେ ଈଶ୍ୱରଙ୍କ ଚାଳନା ଅନ୍ୱେଷଣ ଦ୍ୱାରା ଗାମ୍ଭୀର୍ଯ୍ୟ ପ୍ରଦର୍ଶନ କରିବାକୁ ହେବ । ପରିସ୍ଥିତିର ଗାମ୍ଭିର୍ଯ୍ୟ ଯେତେ ବଡ଼ ଥାଏ, ଆମର ପ୍ରାର୍ଥନା ସେତେ ଅଧିକ ଉଦ୍‌ଯୋଗପୂର୍ଣ୍ଣ ହେବା ଉଚିତ୍ ଅଟେ । ବିଶ୍ୱାସୀ ସମାଜ ସହିତ ଜଣଙ୍କର ବନ୍ଧନକୁ ଦୃଢ଼ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ ।

## ୩. ରଫାୟିମ ଉପତ୍ୟକାରୁ ବାଲ୍ ପରାସୀମକୁ ଗତି କରିବା – ଏକ ପରିବର୍ତ୍ତନକାରୀ ସ୍ଥାନାନ୍ତରଣ ଅଟେ ।

ପଲେଷ୍ଟିୟମାନେ ରଫାୟିମ ଉପତ୍ୟକାରେ ଲୁଚି ରହି କ୍ଷତି କରିବା ଓ ଦାଉଦଙ୍କୁ ଦୂର କରିବାର ଷଡ଼ଯନ୍ତ୍ର କରୁଥିଲେ । ପ୍ରତୀକାତ୍ମକ ଭାବରେ, ରଫାୟିମ ଉପତ୍ୟକା ଏପରି ଏକ ସ୍ଥାନକୁ ସୂଚିତ କରେ ଯେଉଁଠାରେ ଶୟତାନ ଜଣଙ୍କର ଜୀବନରେ ଏପରିକି ସେମାନଙ୍କ ପିଲାମାନଙ୍କ ଜୀବନରେ ଓ ଆହ୍ୱାନରେ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ବାଧା ଦେବା ପାଇଁ, କ୍ଷତିଗ୍ରସ୍ତ କରିବା ପାଇଁ ଓ ବ୍ୟର୍ଥ କରିବା ପାଇଁ ଛକି ରହିଥାଏ । କେତେଜଣ ନିଜ ନିଜକୁ ଏହି ବିଫଳତା, ପରାଜୟ ଓ ନୈରାଶ୍ୟ ରୂପକ ଉପତ୍ୟକାରେ ଆବିଷ୍କାର କରୁଥିଲେ ମଧ୍ୟ, ଏହା ସେହି ସ୍ଥାନରେ ପରିଣତ ହେବ ଯେଉଁଠାରେ ସେମାନଙ୍କର ଶତ୍ରୁମାନେ ପରାସ୍ତ ହେବେ ଓ ଭୟରେ ପଳାୟନ କରିବେ । ଗର୍ଜନକାରୀ ସିଂହ ତୁଲ୍ୟ ଶତ୍ରୁମାନଙ୍କର ଦୃଢ଼ ଉପସ୍ଥିତି ସତ୍ତ୍ୱେ, ଠିକ୍ ଏହି ସ୍ଥାନରେ ହିଁ ଈଶ୍ୱର ଏକ ଉଲ୍ଲେଖନୀୟ ବିଜୟକୁ କାର୍ଯ୍ୟକାରୀ କରିବେ – ଏହା ଖେଳ – ପରିବର୍ତ୍ତନକାରୀ ବିଜୟର କ୍ଷେତ୍ର ହେବ ।

## ବାଲ୍ ପରାସୀନ୍

ବାଲ୍–ପରାସୀନ ପଲେଷ୍ଟିୟ ଦେବତାର ନାମ ‘ବାଲ୍’ ଅନୁସାରେ ଦାଉଦଙ୍କ ଦ୍ୱାରା ନାମିତ ଏକ ସ୍ଥାନ ଅଟେ । ବାଲ୍ ଏପରି ଏକ ମୁଖ୍ୟ ସ୍ଥାନକୁ ସୂଚିତ କରେ ଯେଉଁଠାରେ ଶତ୍ରୁର ପ୍ରତୀୟମାନ ଶକ୍ତି ଈଶ୍ୱରଙ୍କ ହସ୍ତକ୍ଷେପ ଦ୍ୱାରା ଛିନ୍ନବିଛିନ୍ନ ହୋଇଛି । ଏହା ଶତ୍ରୁର ଦୃଢ଼ଗଡ଼ ଉପରେ ବଳବତ୍ତର ହେଉଥିବା ଈଶ୍ୱରଙ୍କ ଶକ୍ତି ପ୍ରତି ଏକ ନିୟମ ଭାବରେ କାର୍ଯ୍ୟ କରେ । ଆଜି, ଈଶ୍ୱର ଠିକ୍ ସେହି କ୍ଷେତ୍ରରେ ଆମକୁ ସଫଳତା ଦେବାକୁ ଇଚ୍ଛା କରନ୍ତି ଯେଉଁଠାରେ ଆମେ ଶତ୍ରୁର ଦୃଢ଼ ହସ୍ତ ରହିଥିବାର ଦେଖୁ । ଦାଉଦ ଯେପରି ଦୃଷ୍ଟାନ୍ତ ଦେଖାଇଥିଲେ, ସେହିପରି ଆମ ପକ୍ଷରୁ ଈଶ୍ୱରଙ୍କ ଅଦୃଶ୍ୟ କାର୍ଯ୍ୟ ସମ୍ବନ୍ଧରେ ଆମର ସୀମିତ ଦୃଷ୍ଟିକୋଣ ଯୋଗୁ ଆମ ଜୀବନ ନିମନ୍ତେ ଥିବା ଈଶ୍ୱରଙ୍କର ସଂପୂର୍ଣ୍ଣ ଯୋଜନାକୁ ବୁଝିବାରେ ଆମେ ପ୍ରାୟ ବିଫଳ ହେଉ । ପ୍ରଭୁଙ୍କ ବିଶ୍ୱସ୍ତତାରେ ବିଶ୍ୱାସ ଜୀବନର ସର୍ବାଧିକ ଆହ୍ୱାନମୂଳକ ଯୁଦ୍ଧକ୍ଷେତ୍ରରେ ମଧ୍ୟ ବିଜୟୀ ହେବା ଦିଗକୁ ପରିଚାଳିତ କରେ ।

ଈଶ୍ୱରଙ୍କ ସ୍ୱର୍ଗ ଦୂତବାହିନୀ ଯେପରି ଇସ୍ରାଏଲର ସୈନ୍ୟବାହିନୀଙ୍କୁ ପଥ ଦେଖାଇଥିଲେ, ସେହିପରି ଆମଣ ମଧ୍ୟ ବହୁଦିନରୁ ଅପେକ୍ଷା କରିଥିବା ପ୍ରଚଣ୍ଡ ବିଜୟ ଆପଣଙ୍କୁ ଦେବା ପାଇଁ ସେ ଆପଣଙ୍କ ଜୀବନରେ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି । ଏହି ନିୟମରେ ବଡ଼ ଗୁରୁତ୍ୱ ରହିଛି କାରଣ ପ୍ରାୟତଃ, ଯେତେବେଳେ ଈଶ୍ୱର ଆମ ଜୀବନରେ ଘଟୁଥିବା ଘଟଣାଗୁଡ଼ିକୁ ନୀରବରେ ନିୟନ୍ତ୍ରଣ କରୁଥାନ୍ତି, ସେତେବେଳେ ଆମେ ହୁଏତ ପରିତ୍ୟକ୍ତ ହେବାର ଅନୁଭବ ସହିତ ଭୁଲ୍ ଭାବରେ ତାଙ୍କର ଅନୁପସ୍ଥିତିକୁ ଦେଖିଥାଉ ।

ପ୍ରଭୁରେ ପ୍ରିୟ ଭାଇ ଓ ଭଉଣୀମାନେ, ଏହାକୁ ସାହସର ସହିତ ଘୋଷଣା କରନ୍ତୁ, “ଏହା ମୋର ସଫଳତା ପାଇଁ ଭଗ୍ନ ହେବାର ସମୟ ଅଟେ । ଆଜି ଦିନଟି ମୋର ବିଜୟକୁ ଚିହ୍ନଟ କରେ ।” ଈଶ୍ୱର ଯେପରି ରଫାୟିମ ଉପତ୍ୟକାକୁ ଦାଉଦଙ୍କ ନିମନ୍ତେ ବାଲ୍–ପରାସୀନ୍‌ରେ ପରିଣତ କରିଥିଲେ, ସେହିପରି ସେ ଆଜି ଆମ ପ୍ରତ୍ୟେକଙ୍କ ନିମନ୍ତେ ସମାନ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ହୋଇ ଠିଆ ହୋଇଛନ୍ତି ।

*(ଅବଶିଷ୍ଟାଂଶ ୬୪ ପୃଷ୍ଠାରେ)*


# ନିହିମିଆ ବାଇବଲ
## ଆବାସିକ ମହାବିଦ୍ୟାଳୟ, ଚେନ୍ନାଇ

ECHO OF HIS CALL 1969-2019
REACHING NATIONS

ମାଧ୍ୟମ ~ ହିନ୍ଦୀ

ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

ଥିଓଲୋଜିରେ ଡିପ୍ଲୋମା

ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ

ଶୀଘ୍ର ଆଡ୍‌ମିଶନ କରନ୍ତୁ !

**Contact : The Chairman, Nehemiah Bible College.**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

✶ ONLINE CLASSES ARE AVAILABLE ✶

GREAT COMMISSION PARTNERS

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

**ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)**

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ,**

**(୨୦୨୪ ଅଗଷ୍ଟ ୧୯ ରୁ ୨୦୨୪ ସେପ୍ଟେମ୍ବର ୧୮ ପର୍ଯ୍ୟନ୍ତ)**

**(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)**

## ପ୍ରଶଂସାର ବିଷୟ

| | | |
|---|---|---|
| ଅଗଷ୍ଟ ୧୯ | ⇨ | ଆମର ନିହିମିୟା ବାଇବଲ କଲେଜର ଅଧ୍ୟାପକ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ନିମନ୍ତେ । |
| ଅଗଷ୍ଟ ୨୦ | ⇨ | ଆମର ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀଗଣ ଓ ସେମାନଙ୍କର ପରିବାର ଗୁଡ଼ିକ ନିମନ୍ତେ । |
| ଅଗଷ୍ଟ ୨୧ | ⇨ | 'ଆହ୍ୱାନର ପ୍ରତିଧ୍ୱନି' ପତ୍ରିକା ସେବାକାର୍ଯ୍ୟକୁ ସହାୟତା ପ୍ରଦାନ କରୁଥିବା ସମର୍ପିତ ସହଯୋଗୀ ସଂପାଦକମାନଙ୍କୁ ଯୋଗାଇଥିବାରୁ । |
| ଅଗଷ୍ଟ ୨୨ | ⇨ | ଆମକୁ ମନର ଏକାଗ୍ରତା ସହିତ ସେମାନଙ୍କ କାର୍ଯ୍ୟ ସଂପାଦନା କରୁଥିବା ସମର୍ପିତ କର୍ମଚାରୀମାନଙ୍କୁ ଦେଇଥିବାରୁ । |
| ଅଗଷ୍ଟ ୨୩ | ⇨ | ପ୍ଲେଟମେକର, ପ୍ଲେଟଗାର୍ଡ଼ର, ପ୍ରିଣ୍ଟିଂ ସ୍ୟାହୀ ଯୋଗାଣକାରୀ, ସ୍କ୍ରିନ୍ ପ୍ରିଣ୍ଟର, ଇତ୍ୟାଦି, ମାନଙ୍କଠାରୁ ଆମର ''ଆହ୍ୱାନର ପ୍ରତିଧ୍ୱନି''କୁ ବାହ୍ୟ ସହାୟତା ଯୋଗାଇଥିବାରୁ । |
| ଅଗଷ୍ଟ ୨୪ | ⇨ | ଆମକୁ ନୈତିକଭାବେ ଓ ଅର୍ଥନୈତିକଭାବେ ସହାୟତା ଯୋଗାଉଥିବା ସହଯୋଗୀମାନଙ୍କ ନିମନ୍ତେ । |
| ଅଗଷ୍ଟ ୨୫ | ⇨ | ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ପାଇଁ ଅଧକ୍ଷ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ଯୋଗାଇଥିବାରୁ । |
| ଅଗଷ୍ଟ ୨୬ | ⇨ | ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ କରେସପଣ୍ଡେସ ପାଠ୍ୟକ୍ରମଗୁଡ଼ିକ ଉପରେ ତାଙ୍କର ଆଶୀର୍ବାଦ ନିମନ୍ତେ । |
| ଅଗଷ୍ଟ ୨୭ | ⇨ | ମିଶନ କାର୍ଯ୍ୟକାରୀମାନଙ୍କଠାରୁ ବଡ଼ ସମର୍ପଣ ନିମନ୍ତେ । |
| ଅଗଷ୍ଟ ୨୮ | ⇨ | ଅଗଷ୍ଟ ୧୦ରେ ଅନୁଷ୍ଠିତ ଆମର ୫୬ ତମ ବାର୍ଷିକୀ ପାଳନ ଉପରେ ଆଶୀର୍ବାଦ କରିଥିବାରୁ । |
| ଅଗଷ୍ଟ ୨୯ | ⇨ | ଆମର ବରିଷ୍ଠ ପାଳକ ଓ ତାଙ୍କ ପରିବାର ପ୍ରତି ତାଙ୍କର ଯତ୍ନ ନିମନ୍ତେ । |
| ଅଗଷ୍ଟ ୩୦ | ⇨ | ରେଭ୍.ଏସ୍.ସାମ୍.ସେଲ୍ଭାରାଜ୍ ଓ ତାଙ୍କର ଦଳ ଗୁଜରାଟର ସୁରତ୍ ଯାତ୍ରା କରିଥିବାରୁ । |
| ଅଗଷ୍ଟ ୩୧ | ⇨ | ଗତମାସ ଆମର ଆବଶ୍ୟକତାଗୁଡ଼ିକୁ ପୂରଣ କରିଥିବାରୁ । |
| ସେପ୍ଟେମ୍ବର ୧ | ⇨ | ଆମ ମଣ୍ଡଳୀଗୁଡ଼ିକ ସହିତ ନୂତନ ସଦସ୍ୟମାନଙ୍କୁ ଯୋଗ କରିଥିବାରୁ । |
| ସେପ୍ଟେମ୍ବର ୨ | ⇨ | ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ନୂତନ ଆଡ଼ମିଶନ ନିମନ୍ତେ । |
| ସେପ୍ଟେମ୍ବର ୩ | ⇨ | ଆମର ସମସ୍ତ କର୍ମଚାରୀ ଓ ସେମାନଙ୍କର ପରିବାରଗୁଡ଼ିକୁ ସୁରକ୍ଷା ଦେଇଥିବାରୁ । |

## ପ୍ରାର୍ଥନାର ବିଷୟ

| | | |
|---|---|---|
| ସେପ୍ଟେମ୍ବର ୪ | ⇨ | ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍ଭାରାଜ୍ ଯେପରି ତାଙ୍କର ବହୁମୁଖୀ ସେବାକାର୍ଯ୍ୟ ପାଇଁ ନୂତନ ଦର୍ଶନ ପ୍ରାପ୍ତ ହେବେ । |
| ସେପ୍ଟେମ୍ବର ୫ | ⇨ | ଆହ୍ୱାନର ପ୍ରତିଧ୍ୱନିର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଥିବା ବିଶ୍ୱାସୀମାନଙ୍କର କଲ୍ୟାଣ ନିମନ୍ତେ । |
| ସେପ୍ଟେମ୍ବର ୬ | ⇨ | ସମସ୍ତ ଖ୍ରୀଷ୍ଟିଆନ ଅନୁଷ୍ଠାନ ଓ ମଣ୍ଡଳୀଗୁଡ଼ିକ ଉପରେ ଆଶୀର୍ବାଦ ଓ ସୁରକ୍ଷା ନିମନ୍ତେ । |
| ସେପ୍ଟେମ୍ବର ୭ | ⇨ | ଆମ ସେବାକାର୍ଯ୍ୟର ସଂପ୍ରସାରଣ ଓ ପୃଥିବୀ ବ୍ୟାପୀ ସୁସମାଚାରର ପ୍ରସାରଣ ନିମନ୍ତେ । |
| ସେପ୍ଟେମ୍ବର ୮ | ⇨ | ଖ୍ରୀଷ୍ଟିଆନ ପ୍ରଚାରକମାନେ ଯେପରି କିଛି ମିଶ୍ରଣ ନ କରି ବିଶୁଦ୍ଧ ସୁସମାଚାର ପ୍ରଚାର କରିବେ । |
| ସେପ୍ଟେମ୍ବର ୯ | ⇨ | ସମସ୍ତ ଦେଶର ଏକତା ଓ ଶାନ୍ତି ନିମନ୍ତେ । |
| ସେପ୍ଟେମ୍ବର ୧୦ | ⇨ | ଆମର ପ୍ରିଣ୍ଟର, ସହଯୋଗୀ ପ୍ରିଣ୍ଟର ଓ ଛାପାକଳର ସମସ୍ତ କର୍ମଚାରୀମାନଙ୍କ ନିମନ୍ତେ । |
| ସେପ୍ଟେମ୍ବର ୧୧ | ⇨ | ଆମର ବରିଷ୍ଠ ପାଳକ ଏସ୍.ସାମ୍. ସେଲ୍ଭାରାଜ୍ ଓ ତାଙ୍କର ପରିବାର ଯେପରି ସମସ୍ତ ମନ୍ଦଶକ୍ତିରୁ ରକ୍ଷା ପାଇବେ । |
| ସେପ୍ଟେମ୍ବର ୧୨ | ⇨ | ଆମର ସେବାକାର୍ଯ୍ୟ ଓ ଏହାର ସଂପ୍ରସାରଣ ନିମନ୍ତେ । |
| ସେପ୍ଟେମ୍ବର ୧୩ | ⇨ | ଭାରତର ଅପହଞ୍ଚ ଅଞ୍ଚଳରେ ସୁସମାଚାର ପହଞ୍ଚାଇବା ପାଇଁ ଆମକୁ ସମର୍ଥ କରିଥିବାରୁ । |
| ସେପ୍ଟେମ୍ବର ୧୪ | ⇨ | ସମଗ୍ର ପୃଥିବୀର ସମସ୍ତ ମହିଳା ଓ ଶିଶୁମାନଙ୍କର ସୁରକ୍ଷା ନିମନ୍ତେ । |
| ସେପ୍ଟେମ୍ବର ୧୫ | ⇨ | ପ୍ରଭୁ ଯେପରି ପ୍ରତ୍ୟେକ ନିଶାସକ୍ତ ଓ କୁକର୍ମକାରୀମାନଙ୍କୁ ଅନୁତାପ କରିବା ପାଇଁ ପ୍ରେରଣା ଦେବେ । |
| ସେପ୍ଟେମ୍ବର ୧୬ | ⇨ | ଆମ ନିହିମିୟା ବାଇବଲ କଲେଜରେ ଯେପରି ଅଧିକରୁ ଅଧିକ ନୂତନ ଛାତ୍ର ଯୋଗ ଦେବେ । |
| ସେପ୍ଟେମ୍ବର ୧୭ | ⇨ | ଆମର ରାଜ୍ୟ–ସଂଯୋଜକ ଓ ସେମାନଙ୍କର ପରିବାର ଗୁଡ଼ିକର କଲ୍ୟାଣ ନିମନ୍ତେ । |
| ସେପ୍ଟେମ୍ବର ୧୮ | ⇨ | ଈଶ୍ୱର ଯେପରି ଏହି ମାସ ଆମର ସମସ୍ତ ଆବଶ୍ୟକତା ପୂରଣ କରିବେ । |

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

୨ ଶାମୁୟେଲ ୫:୨୧ରେ ଆମେ ଦେଖୁ, **"ସେହି ସ୍ଥାନରେ ସେମାନେ (ପଲେଷ୍ଟିୟମାନେ) ଆପଣା ପ୍ରତିମାଗଣଙ୍କୁ ପରିତ୍ୟାଗ କରିଥିଲେ, ତହିଁରେ ଦାଉଦ ଓ ତାଙ୍କର ଲୋକମାନେ ସେସବୁ ଦଗ୍ଧ କଲେ ।"**

ମୁଁ ଏହି ପ୍ରାର୍ଥନା କରେ ଯେପରି ପ୍ରଭୁ ଆପଣଙ୍କର ଆଗେ ଆଗେ ଯାଇ ଆପଣଙ୍କର ସଂଘର୍ଷର ଉପତ୍ୟକାକୁ ପ୍ରଚୁର ଆଶୀର୍ବାଦର ସ୍ଥାନରେ ପରିଣତ କରିବେ ଓ ଶତ୍ରୁ ପଛରେ ଛାଡ଼ି ଯାଇଥିବା ସମସ୍ତ ବିଷୟ ଦୂର କରିବା ପାଇଁ ଆପଣଙ୍କୁ ଶକ୍ତି ଦେବେ । ମନେରଖନ୍ତୁ, ଯେତେବେଳେ ଆପଣ ଅବିରତ ଶତ୍ରୁର ଆକ୍ରମଣର ସମ୍ମୁଖୀନ ହୁଅନ୍ତି, ସେତେବେଳେ ସାହସ ଧରନ୍ତୁ, କାରଣ ଆପଣ ସଠିକ୍ ସ୍ଥାନରେ ଅଛନ୍ତି – ଈଶ୍ୱର ଆପଣଙ୍କ ଜୀବନରେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ସାଧନ କରୁଛନ୍ତି ।

ଆମର ଶତ୍ରୁମାନେ ଈଶ୍ୱରଙ୍କ ଦ୍ୱାରା ଛିନ୍ନଭିନ୍ନ ହୋଇ ପଳାୟନ କରୁଛନ୍ତି । ଦାଉଦଙ୍କର ସୈନ୍ୟମାନେ ସେମାନଙ୍କୁ ବିରୋଧ କରୁଥିବା ସମସ୍ତ ବିଷୟକୁ ଦଗ୍ଧ କରିଥିଲେ ଓ ଆଉ କିଛି ଅବଶିଷ୍ଟ ରଖି ନ ଥିଲେ ।

************

# ପ୍ରଭୁ ଉତ୍ତମ ଲୋକମାନଙ୍କ ସହିତ ରହିବେ!

**(୨ ବଂଶାବଳି ୧୯:୧୧)**

**(ଉପାସନାଳୟରେ ପାଳକ ଏସ୍.ସାମ୍.ସେଲ୍ଭାରାଜ୍‌ଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା)**

ବିଶ୍ୱସ୍ତ ଜୀବନ କାଟିବାର ପୁରସ୍କାର, ପ୍ରାୟ ବାହ୍ୟଭାବରେ ଦେଖାଯାଏ ନାହିଁ, ଆମେ ହୁଏତ ମିଥ୍ୟା ଓ ଅହଙ୍କାରରେ ଜୀବନ କାଟି ବହୁଭାବରେ ଉନ୍ନତି କରିଥିବା ଲୋକମାନଙ୍କୁ ଦେଖିପାରୁ । ଫଳରେ, ଆମେ ହୁଏତ ଏହା ଭାବିପାରୁ, "ଏକ ବିଶ୍ୱସ୍ତ ଜୀବନ କାଟିବାରେ କି ଲାଭ ?" ମାତ୍ର ଦିନ ସବୁ ଅତିକ୍ରାନ୍ତ ହେବା ସମୟରେ, ବିଶ୍ୱସ୍ତ ଲୋକମାନେ ପ୍ରଚୁର ଭାବରେ ସ୍ୱର୍ଗୀୟ ସାହାଯ୍ୟ ପ୍ରାପ୍ତ ହୁଅନ୍ତି । **"ବିଶ୍ୱସ୍ତ ଲୋକ ଆଶୀର୍ବାଦରେ ବର୍ଦ୍ଧିଷ୍ଣୁ ହେବ"** (ହିତୋପଦେଶ ୨୮:୩୦) ।

୧. ଈଶ୍ୱର ସଙ୍ଗେ ସଙ୍ଗେ ସେମାନଙ୍କର ପ୍ରାର୍ଥନା ଶୁଣିବେ ।

୨. ଈଶ୍ୱର ସେମାନଙ୍କର ନିବେଦନଗୁଡ଼ିକୁ ଅନୁମୋଦନ କରିବେ ।

୩. ସଦାପ୍ରଭୁଙ୍କ ଦୂତ ବିପଦ ସମୟରେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସର୍ବଦା ପ୍ରସ୍ତୁତ ରହିବେ ।

ରାଜା ହିଜିକିୟ ଈଶ୍ୱରଙ୍କ ସାକ୍ଷାତ୍‌ରେ ଧାର୍ମିକ ଥିଲେ : **"ସେ ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱରଙ୍କ ଠାରେ ବିଶ୍ୱାସ କଲେ, ତାଙ୍କର ପରବର୍ତ୍ତୀ ଯିହୁଦାର ସମସ୍ତ ରାଜାଙ୍କ ମଧ୍ୟରେ କେହି ତାଙ୍କ ପରି ନ ଥିଲେ, କିଅବା ପୂର୍ବବର୍ତ୍ତୀମାନଙ୍କ ମଧ୍ୟରେ କେହି ନ ଥିଲେ । କାରଣ ସେ ସଦାପ୍ରଭୁଙ୍କ ପ୍ରତି ଆସକ୍ତ ହେଲେ, ସେ ତାହାଙ୍କ ଅନୁଗମନରୁ ବିମୁଖ ହେଲେ ନାହିଁ, ଆଉ ସଦାପ୍ରଭୁ ମୋଶାଙ୍କୁ ଯାହା ଆଜ୍ଞା କରିଥିଲେ, ତାହାଙ୍କର ସେ ସବୁ ଆଜ୍ଞା ସେ ପାଳନ କଲେ । ପୁଣି ସଦାପ୍ରଭୁ ତାଙ୍କର ସହବର୍ତ୍ତୀ ହେଲେ, ସେ ଯେଉଁଆଡ଼େ ଗଲେ, ସେ ଆଡ଼େ କୁଶଳ ପ୍ରାପ୍ତ ହେଲେ..."** (୨ ରାଜାବଳି ୧୮:୫-୭) ।

୨ ରାଜାବଳି ୨୦ ଅଧ୍ୟାୟରେ, ସେହି ରାଜା ଗୁରୁତର ଭାବରେ ପୀଡ଼ିତ ହୋଇଥିବାର ଦେଖୁ । ସେ କାନ୍ଥ ଆଡ଼କୁ ମୁଖ କରି, ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ, **"ମୁଁ ବିନୟ କରୁଅଛି, ମୁଁ କିପରି ସତ୍ୟତାରେ ଓ ସିଦ୍ଧ ଅନ୍ତଃକରଣରେ ତୁମ୍ଭ ସମ୍ମୁଖରେ ଗମନାଗମନ କରିଅଛି ଓ ତୁମ୍ଭ ଦୃଷ୍ଟିରେ ଉତ୍ତମ କର୍ମ କରିଅଛି, ଏହା ଏବେ ସ୍ମରଣ କର..."** (୨ ରାଜାବଳି ୨୦:୩) ।

ପୂର୍ବରୁ, ଆମେ ଗୋଟିଏ ଖ୍ରୀଷ୍ଟିଆନ ଛାପାକଳରେ ଆମର ପତ୍ରିକା ଛାପୁଥିଲୁ । ଥରେ ସେହି ଛାପାକଳର ପରିଚାଳକ ମୋତେ କହିଲେ, "ପାଷ୍ଟର, ଯେତେବେଳେ ଆମେ ଲୋକମାନଙ୍କଠାରୁ କିଛି ଅର୍ଡ଼ର ନେଉ, ସେତେବେଳେ ସେଥିପାଇଁ ଅର୍ଥ ପାଇବୁ ବୋଲି ସୁନିଶ୍ଚିତ ଥାଉ । ମାତ୍ର ଯେତେବେଳେ ଆମେ ଈଶ୍ୱରଙ୍କ ଦାସମାନଙ୍କ ପାଇଁ କିଛି କାର୍ଯ୍ୟ କରୁ, ସେତେବେଳେ ସେମାନଙ୍କଠାରୁ ଅର୍ଥ ପାଇବା ଅତି କଷ୍ଟକର ହୁଏ । ସେମାନଙ୍କ ନିକଟରେ ଟଙ୍କା ଥିଲେ ସୁଦ୍ଧା, ପରିଶୋଧ କରିବା ପାଇଁ ସେମାନେ ଅନିଚ୍ଛୁକ ହୁଅନ୍ତି । ମୁଁ ଭାବୁଛି, ଈଶ୍ୱରଙ୍କ ପାଇଁ ସେମାନେ କିପରି କାର୍ଯ୍ୟ କରନ୍ତି ।

ବାଇବଲରେ ଆମେ ଏପରି ଲୋକମାନଙ୍କୁ ଦେଖୁ ଯେଉଁମାନେ "ବିଶ୍ୱସ୍ତ" ଅଟନ୍ତି । "ବିଶ୍ୱସ୍ତ" ହେବା ଓ "ଉତ୍ତମ" ହେବା ମଧ୍ୟରେ ଏକ ଘନିଷ୍ଠ ସଂପର୍କ ଅଛି । ୨ ବଂଶାବଳି ୧୯:୧୧ରେ, ଆମେ ପାଠ କରୁ, **"...ସଦାପ୍ରଭୁ ସୁଜନ (ବିଶ୍ୱସ୍ତ) ଲୋକମାନଙ୍କର ସହବର୍ତ୍ତୀ ହେବେ"** (୨ ବଂଶାବଳି ୧୯:୧୧) । ଗୀତସଂହିତା ୧୫:୧,୨ରେ ଆମେ ପାଠ କରୁ, **"ହେ ସଦାପ୍ରଭୁ, ... ତୁମ୍ଭ ପବିତ୍ର ପର୍ବତରେ କିଏ ବାସ କରିବ ? ଯେଉଁ ଜନ ସରଳାଚରଣ ଓ ଧର୍ମକର୍ମ କରେ ଓ ଆପଣା ଅନ୍ତଃକରଣରେ ସତ୍ୟ କହେ ।"** **"କାରଣ ସଦାପ୍ରଭୁଙ୍କ ପ୍ରତି ଯେଉଁମାନଙ୍କର ଅନ୍ତଃକରଣ ସିଦ୍ଧ ଥାଏ, ସେମାନଙ୍କ ସପକ୍ଷରେ ଆପଣାକୁ ବଳବାନ୍ ଦେଖାଇବା ପାଇଁ ତାହାଙ୍କର ଚକ୍ଷୁ ପୃଥିବୀର ସର୍ବତ୍ର ଏଣେ ତେଣେ ଦୌଡ଼ଇ..."** (୨ ବଂଶାବଳୀ ୧୬:୯) । ଈଶ୍ୱର ସଚ୍ଚୋଟ ଲୋକମାନଙ୍କୁ ଆବଶ୍ୟକ କରନ୍ତି (ଲୂକ ୧:୧୭) ।

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)


## ନିହିମିୟା ବାଇବଲ ସାଂଧ୍ୟ କଲେଜ

ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ

ମାଧ୍ୟମ ~ ତାମିଲ

ECHO OF HIS CALL 1969-2019 GOLDEN JUBILEE

REACHING NATIONS

ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

ଯୋଗ୍ୟତା : ୧୦ମ ଓ ତଦୂର୍ଦ୍ଧ୍ୱ

ଥିଓଲୋଜିରେ ଡିପ୍ଲୋମା

ଶୀଘ୍ର ଆଡ୍‌ମିଶନ କରନ୍ତୁ !

**Contact : The Chairman, Nehemiah Bible College.**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ–ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ–ମେଲ, ହ୍ୱାଟସ୍–ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

***"ଯେଉଁମାନେ ସଦାପ୍ରଭୁଙ୍କର ଅପେକ୍ଷା କରନ୍ତି, ସେମାନେ ନୂଆ ନୂଆ ବଳ ପାଇବେ ... ସେମାନେ କ୍ଳାନ୍ତ ନ ହୋଇ ଗମନ କରିବେ" (ଯିଶାଇୟ ୪୦:୩୧) ।***

୧୯୭୨ରେ, ମୋର ଆଦ୍ୟ ଦିନ ଗୁଡ଼ିକରେ, ମୁଁ ଚେନ୍ନାଇର ସାଇଦାପେଟ୍ ନାମକ ଏକ ସ୍ଥାନରେ ଏକ ସୁସମାଚାର ସଭାର ଆୟୋଜନ କରିବା ପାଇଁ ପ୍ରଭୁଙ୍କ ଆତ୍ମାଙ୍କ ଦ୍ୱାରା ପ୍ରରୋଚିତ ହୋଇଥିଲି । ଆମେ ସେହି ସଭା ନିମନ୍ତେ ପ୍ରାଚୀରରେ ପୋଷ୍ଟର ଲଗାଇ, ହାତରେ ଲେଖି ଲୋକମାନଙ୍କୁ ନିମନ୍ତ୍ରଣ କରିଥିଲୁ । ମୁଁ ମୋର ସହକର୍ମୀମାନଙ୍କ ସାହାର୍ଯ୍ୟରେ ଲୋକମାନଙ୍କୁ ଆଣିବା ପାଇଁ ଯଥା ସମ୍ଭବ ଚେଷ୍ଟା କରିଥିଲି ।

କେବଳ ସେହି କାର୍ଯ୍ୟକ୍ରମ ପାଇଁ ଅନେକ ପ୍ରାର୍ଥନା ଉତ୍ସର୍ଗ କରାଯାଇଥିଲା । ମୋର କେତେ ଜଣ ବନ୍ଧୁ ସେମାନଙ୍କର ବାଦ୍ୟଯନ୍ତ୍ର ଓ ବିଶେଷ ଗୀତ ଆଣିଥିଲେ । ସଭା ଆରମ୍ଭ ହେବା ସମୟରେ, ଆମେ କୌଣସି ଲୋକଙ୍କୁ ଆସିବାର ଦେଖି ପାରି ନ ଥିଲୁ । ମାତ୍ର ଆମେ ବହୁ ସମୟ ଅପେକ୍ଷା କରି ରହିଥିଲୁ । ଶେଷରେ ଦୁଇଜଣ ଭାଇ ସଭାରେ ଯୋଗ ଦେବା ପାଇଁ ଆସିଥିଲେ । ସଭା ପାଇଁ କଠିନ ପରିଶ୍ରମ କରିଥିବା ମୋର ସମସ୍ତ ଭାଇ ଅତି ଦୁଃଖ ଅନୁଭବ କରିଥିଲେ । ଈଶ୍ୱର କାହିଁକି ଆମର ଆନ୍ତରିକ ପ୍ରାର୍ଥନାର ଉତ୍ତର ଦେଇ ନାହାନ୍ତି ଓ ଆମର କଠିନ ପରିଶ୍ରମକୁ ସମ୍ମାନ ଦେଖାଇ ନାହାନ୍ତି ବୋଲି ସେମାନେ ମୋତେ ପଚାରିଥିଲେ । ମୁଁ ସେମାନଙ୍କୁ ଏହା କହିଥିଲି ଯେ ଈଶ୍ୱର ହୁଏତ ତାଙ୍କ ନିଜସ୍ୱ ମାର୍ଗରେ ଉତ୍ତର ଦେଇ ପାରନ୍ତି । ମୁଁ ବାସ୍ତବରେ ଆଶା ହରାଇ ନ ଥିଲି । **"ମୁଁ ମୋର ସଦାପ୍ରଭୁ ପରମେଶ୍ୱରଙ୍କଠାରେ ନିଜକୁ ବଳବାନ୍ କରିଥିଲି"** (୧ ଶାମୁୟେଲ ୩୦:୬) ।

କିନ୍ତୁ, ଆମେ ଉପାସନା ସଭା ଚଳାଇଲୁ ଓ ମୁଁ ଗୋଟିଏ ଶକ୍ତିପୂର୍ଣ୍ଣ ବାର୍ତ୍ତା ପ୍ରଚାର କରିଥିଲି । ସେହି ଦୁଇଜଣଙ୍କ ମଧ୍ୟରୁ ଜଣେ ପ୍ରଭୁଙ୍କ ନିକଟରେ ନିଜର ଜୀବନ ଉତ୍ସର୍ଗ କରିଥିଲେ ଓ ପରେ ସେ ମୋ' ସହିତ ମିଶି ପ୍ରଭୁଙ୍କ କାର୍ଯ୍ୟ କରିଥିଲେ ।

ବର୍ତ୍ତମାନ ଈଶ୍ୱର ଭାରତରେ ଓ ଭାରତ ବାହାରେ ଏପରି ସଭାଗୁଡ଼ିକରେ ପ୍ରଚାର କରିବା ପାଇଁ ମୋତେ ଉଠାଇ ଅଛନ୍ତି ଯେଉଁଠାରେ ହଜାର ହଜାର ଲୋକ ଏକତ୍ରିତ ହେଉଛନ୍ତି । ଈଶ୍ୱରଙ୍କ ନାମ ଗୌରବାନ୍ୱିତ ହେଉଅଛି । ଏଥିପାଇଁ, ମୋତେ ଅତି ଧୈର୍ଯ୍ୟ ଓ ବିଶ୍ୱାସର ସହିତ ଅନେକ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା ।

ପ୍ରିୟ ଭାଇ ଓ ଭଉଣୀମାନେ, ଆପଣ ବିଫଳତାରୂପକ ନୌକାରେ ଯାତ୍ରା କରୁଛନ୍ତି କି ? ଆପଣ କ'ଣ ଭାବୁଛନ୍ତି ଯେ ଆପଣଙ୍କର ସମସ୍ତ କଷ୍ଟକର କାର୍ଯ୍ୟ ଓ ଉପବାସ ପ୍ରାର୍ଥନା କିଛି ଫଳ ଉତ୍ପନ୍ନ କରୁ ନାହିଁ ? ବେଳେବେଳେ ଈଶ୍ୱର ତାଙ୍କ ପ୍ରତି ଆମର ବିଶ୍ୱାସ ଓ ଧୈର୍ଯ୍ୟକୁ ପରୀକ୍ଷା କରିବା ପାଇଁ ସେତେବେଳେ ନୀରବ ହୋଇ ରହନ୍ତି ଯେତେବେଳେ ଆମେ ବଡ଼ ଓ ତାତ୍‌କ୍ଷଣିକ ପ୍ରତ୍ୟାଶା ସହିତ ଅତି ସକ୍ରିୟ ଥାଉ ।

**"ଯେପରି ଅଗ୍ନି ଦ୍ୱାରା ପରୀକ୍ଷିତ କ୍ଷୟଣୀୟ ସୁବର୍ଣ୍ଣ ଅପେକ୍ଷା ଅଧିକ ବହୁମୂଲ୍ୟ ଯେ ତୁମ୍ଭମାନଙ୍କର ପରୀକ୍ଷାସିଦ୍ଧ ବିଶ୍ୱାସ, ତାହା ଯୀଶୁ ଖ୍ରୀଷ୍ଟଙ୍କ ପ୍ରକାଶିତ ହେବା ସମୟରେ ପ୍ରଶଂସା, ଗୌରବ ଓ ସମ୍ଭ୍ରମର କାରଣ ହେବ"** (୧ ପିତର ୧:୭) ।

ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

***

---

*(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)*

**"ସେ ସତ୍‌ଲୋକଙ୍କ ନିମନ୍ତେ ତତ୍ତ୍ୱଜ୍ଞାନ ସଞ୍ଚୟ କରନ୍ତି..."** (ହିତୋପଦେଶ ୨:୭) । **"...ନୋହ ଆପଣା ବର୍ତ୍ତମାନ ସମୟର ଲୋକମାନଙ୍କ ମଧ୍ୟରେ ଧାର୍ମିକ ଓ ସାଧୁ ଲୋକ ଥିଲେ..."** (ଆଦିପୁସ୍ତକ ୬:୯) । **"...ଆମ୍ଭେ ସର୍ବଶକ୍ତିମାନ ପରମେଶ୍ୱର, ଆମ୍ଭ ଛାମୁରେ ଧର୍ମାଚରଣ କରି ତୁମ୍ଭେ ସିଦ୍ଧ ହୁଅ"** (ଆଦିପୁସ୍ତକ ୧୭:୧) । **"ତହୁଁ ସଦାପ୍ରଭୁ ଶୟତାନକୁ କହିଲେ, ତୁମ୍ଭେ କି ଆମ୍ଭ ଦାସ ଆୟୁବ ପ୍ରତି ମନ ଦେଇଅଛ ? କାରଣ ତାହାର ସମାନ ସିଦ୍ଧ ଓ ସରଳ, ପରମେଶ୍ୱର ଭୟକାରୀ ଓ କୁକ୍ରିୟାତ୍ୟାଗୀ ଲୋକ ପୃଥିବୀରେ କେହି ନାହିଁ"** (ଆୟୁବ ୧:୮) ।

**"ତହିଁରେ ତାହାର ଭାର୍ଯ୍ୟା ତାହାକୁ କହିଲା, ତୁମ୍ଭେ କି ଏ ଯାଏ ଆପଣାର ସରଳତା ଦୃଢ଼ କରି ଧରୁଅଛ ? ପରମେଶ୍ୱରଙ୍କୁ ପରିତ୍ୟାଗ କରି ମର"** (ଆୟୁବ ୨:୯) । **"ତୁମ୍ଭେ ମୋ' ସରଳତାରେ ମୋତେ ଧରି ରଖୁଅଛ"** (ଗୀତସଂହିତା ୪୧:୧୨) । **"ଧର୍ମ ବିଶ୍ୱାସରେ ଆପଣା ଯଥାର୍ଥ ପୁତ୍ର ତୀମଥିଙ୍କ ନିକଟକୁ ପତ୍ର ଲେଖୁଅଛି"** (୧ ତୀମଥି ୧:୨) ।

ପ୍ରଥମତଃ, ନୋହଙ୍କୁ ତାଙ୍କ ସମୟରେ ପୃଥକ୍ କରାଯାଇ ପାରିଥିଲା । ଆମେ ମଧ୍ୟ ଆମ ଦୁଷ୍ଟତାରେ ପରିପୂର୍ଣ୍ଣ ଯୁଗରେ ଏକାକୀ ସତ୍ ଲୋକ ଭାବରେ ଠିଆ ହୋଇଥିବାରୁ ଈଶ୍ୱରଙ୍କୁ ଧନ୍ୟବାଦ ଦେବା ପାଇଁ ସମର୍ଥ ହେବା ଉଚିତ୍ । ଈଶ୍ୱର ଆମ ପ୍ରତ୍ୟେକଙ୍କୁ ଭିନ୍ନ ଭିନ୍ନ ପ୍ରତିଭା, ଭିନ୍ନ ଭିନ୍ନ ସ୍ୱର, ଅନୁଗ୍ରହ ଓ ସୁଯୋଗ ଦେଇଛନ୍ତି । ଯେତେବେଳେ ମୁଁ ମୋ' କୋଠରୀରେ ଏକାକୀ ଥାଏ, ସେତେବେଳେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରେ, "ତୁମେ ମୋ' ସହିତ ରହିଥିବାରୁ, ମୁଁ ତୁମର ପ୍ରଶଂସା କରୁଅଛି । ତୁମେ ମୋ' ସହିତ ନ ଥିଲେ, ମୁଁ ଏହି ସମସ୍ତ କାର୍ଯ୍ୟ କରିପାରି ନ ଥା'ନ୍ତି ।" ତାଙ୍କର ସ୍ୱର୍ଗୀୟ ଶକ୍ତି ଓ ଅଭିଷେକ ଯୋଗୁ ଆମେ ଏହିପରି ବଡ଼ ବଡ଼ କାର୍ଯ୍ୟ କରିବା ପାଇଁ ସମର୍ଥ ହେଉ । ଆମେ ସୁସ୍ଥତା ପାଉ । ଈଶ୍ୱର ନୋହଙ୍କର ମନ୍ଦ ଯୁଗରେ ନୋହଙ୍କୁ ଏକ ଧାର୍ମିକ ବ୍ୟକ୍ତି ଭାବରେ ଦେଖି ପାରିଥିଲେ । ଆମେ ମଧ୍ୟ ସରଳ ଓ ଧାର୍ମିକ ହେବା ଓ ଈଶ୍ୱରଙ୍କ ସହିତ ଗମନାଗମନ କରିବାର ଅଧିକାରକୁ ଉପଭୋଗ କରିବା ଉଚିତ୍ ।

ଯେତେବେଳେ ଆମେ ନିର୍ଲୋଭ ହୋଇ ସମସ୍ତ କାର୍ଯ୍ୟରେ ବିଶ୍ୱସ୍ତ ରହିବା ଓ ସର୍ବଦା ଈଶ୍ୱରଙ୍କୁ ଭୟ କରିବା, ସେତେବେଳେ ଈଶ୍ୱର ଆମ ସହିତ ଗମନାଗମନ କରିବେ । ଆମେ ଏକାକୀ ଥିବା ସମୟରେ ଈଶ୍ୱରଙ୍କ ଉପସ୍ଥିତିର ଅନୁଭୂତି ପାଇ ପାରିବା ।

ଦ୍ୱିତୀୟରେ, ଈଶ୍ୱର ନୋହଙ୍କୁ ଡାକି ଗୋଟିଏ ଜାହାଜ ନିର୍ମାଣ କରିବା ପାଇଁ କହିଥିଲେ । ଅନେକେ କହନ୍ତି, "ଈଶ୍ୱର ମୋତେ ଏକାକୀ ଡାକି ନିର୍ଦ୍ଦିଷ୍ଟ ଭାବରେ କିଛି

କହନ୍ତୁ । ଏହାପରେ, ମୁଁ ତାଙ୍କର ବାଧ୍ୟ ହେବି ।'' ଯଦି ଈଶ୍ୱର ଆମକୁ କିଛି କହିବେ, ତେବେ ଆମର କର୍ଣ୍ଣ ତୀକ୍ଷ୍ଣ ଓ ହୃଦୟ ସ୍ୱଚ୍ଛ ଓ ଉନ୍ମୁକ୍ତ ହେବା ଉଚିତ୍ । ଯେତେବେଳେ ଆମେ ସମସ୍ତ ପ୍ରତାରଣାରେ ଜଡ଼ିତ ହୋଇ ଓ କଳଙ୍କିତ ବିବେକ ରଖି ଜଗତ ସହିତ ଏକ ହୋଇ ରହିଥାଉ, ସେତେବେଳେ ସେ ଆମକୁ ଆଦୌ ଅଭିଷିକ୍ତ କରନ୍ତି ନାହିଁ କିମ୍ବା ଆମ ସହିତ କଥାବାର୍ତ୍ତା କରନ୍ତି ନାହିଁ । ଯଦି ଆମେ ଈଶ୍ୱରଙ୍କ ସନ୍ତାନ ଭାବରେ ବଞ୍ôଥିବା, ତେବେ ଆମେ ସ୍ପଷ୍ଟ ଭାବରେ ତାଙ୍କ ସ୍ୱର ଶୁଣିପାରିବା । ଯଦି ଆମେ ଈଶ୍ୱରଙ୍କୁ ଭୟ କରି ଏକ ଧାର୍ମିକ ଜୀବନ କାଟିବା, ତେବେ ସେ ସମସ୍ତ ରୋଗ, ସମସ୍ୟା ଓ ଦୁଃଖ ଦୂର କରିବେ ଓ ତାଙ୍କ ସ୍ୱର ଶୁଣିବା ପାଇଁ ସାମର୍ଥ୍ୟ ଦେବେ ।

ମୁଁ ମୋ' ଜୀବନରେ ଈଶ୍ୱରଙ୍କ ସ୍ୱର ଅତି ସ୍ପଷ୍ଟ ଭାବରେ ଶୁଣିଛି । ଏହା ଅତି ମଧୁର ସ୍ୱର ଅଟେ । ଥରେ ସେ ମୋ' ନାମ ଧରି ଡାକୁଥିବାର ମୁଁ ଶୁଣିଥିଲି । ଅନ୍ୟ ଥର, ସେ ମୋତେ ସେବାକାର୍ଯ୍ୟ ପାଇଁ ଆହ୍ୱାନ କରିଥିଲେ । ତୃତୀୟ ଥର, ମୁଁ ଅସୁସ୍ଥ ହୋଇ ଶୋଇ ରହିଥିବା ସମୟରେ, ସେ ମୋତେ ଗୋଟିଏ ପ୍ରତିଜ୍ଞା ଦେଇଥିଲେ । ଏହି ଅନୁଭୂତି ଗୁଡ଼ିକୁ ସୁରକ୍ଷିତ ରଖିବା ଅତି କଷ୍ଟକର ବିଷୟ ଅଟେ ।

ଈଶ୍ୱରଙ୍କର ପ୍ରିୟ ସନ୍ତାନମାନେ, ଆପଣମାନେ କରିଥିବା ସମସ୍ତ ଉତ୍ତମ ଓ ଜନହିତକର କାର୍ଯ୍ୟଗୁଡ଼ିକୁ ଈଶ୍ୱର ଯେ ଭୁଲିଯିବେ ସେ ଏପରି ଅନ୍ୟାୟକାରୀ ଈଶ୍ୱର ନୁହଁନ୍ତି (ଏବ୍ରୀ ୬:୧୦) । ସେ ଜଣେ ନ୍ୟାୟବାନ୍ ଓ ଧାର୍ମିକ ଈଶ୍ୱର ଅଟନ୍ତି । ଯଦି ଆପଣ ମାନେ ତାଙ୍କ ସମ୍ମୁଖରେ ଧାର୍ମିକ ହେବେ ଓ ନିଜ ନିଜକୁ ''ସମର୍ଥ ବ୍ୟକ୍ତି'' ଭାବରେ ଉପସ୍ଥାପନ କରିବେ, ତେବେ ସେ ନିଶ୍ଚୟ ଆପଣମାନଙ୍କ ସହିତ ଗମନାଗମନ କରିବେ । ଆପଣମାନେ ମଧ୍ୟ ତାଙ୍କର ସ୍ୱର ଶୁଣିପାରିବେ । ଏହି ସମସ୍ତ ବିଷୟର ଉର୍ଦ୍ଧ୍ୱରେ, ସେ ତାଙ୍କର ଇଚ୍ଛା ସଫଳ କରିବା ପାଇଁ ଆପଣମାନଙ୍କୁ ଅନୁଗ୍ରହ ଦେବେ ।

ଈଶ୍ୱରଙ୍କ ଅନୁଗ୍ରହ ତାଙ୍କ କାର୍ଯ୍ୟ ପ୍ରତି ଆମର ସମର୍ପଣ ଉପରେ ନିର୍ଭର କରେ । ଆମେ ନିଶ୍ଚୟ ତାଙ୍କର ସ୍ୱର ଶୁଣିପାରିବା ।

ତୃତୀୟରେ, ନୋହ ଈଶ୍ୱରଙ୍କଠାରୁ ଗୋଟିଏ କାର୍ଯ୍ୟ ମଧ୍ୟ ପାଇଥିଲେ । ଆମେ ଏପରି ଦାସ ହୋଇ ରହିବା ଉଚିତ୍ ନୁହେଁ ଯେଉଁମାନେ ଈଶ୍ୱରଙ୍କଠାରୁ କିଛି ଆଦେଶ ପାଇ ନ ଥାନ୍ତି । ଯେତେବେଳେ ଆପଣମାନେ ନିଜ ନିଜକୁ ସଂପୂର୍ଣ୍ଣ ଭାବେ ସମର୍ପଣ କରନ୍ତି, ସେତେବେଳେ ଆପଣମାନଙ୍କ ସହିତ ଈଶ୍ୱର ଗମନାଗମନ କରୁଥିବାର ଦେଖିବା ଆରମ୍ଭ କରନ୍ତି । ଆମେ ତାଙ୍କ ଅନୁଗ୍ରହ ଓ ପ୍ରେମ ଭିତରେ ରହି ନ ଥିବାରୁ, ତାଙ୍କ କାର୍ଯ୍ୟକୁ ସଫଳତାର ସହିତ କରିବାରେ ଆମେ ବିଫଳ ହେଉ । ଆମେ ଆମ ନିଜ ମାର୍ଗରେ କାର୍ଯ୍ୟ କରୁଥିବା ସମୟରେ ବିଫଳତାର ସମ୍ମୁଖୀନ ହେଉ । ମାତ୍ର ଯେତେବେଳେ ଆମେ ଈଶ୍ୱରଙ୍କ ଇଚ୍ଛା ମଧ୍ୟରେ କାର୍ଯ୍ୟ କରୁ, ସେତେବେଳେ ଏହା ଆମକୁ ମହାଶକ୍ତି ପ୍ରଦାନ କରେ ।

ଏହାପରେ, ଈଶ୍ୱର ଆମକୁ ଯୋଗ୍ୟ କରନ୍ତି । ସେଥିପାଇଁ ଆମେ ଦକ୍ଷତାର ବିକାଶ କରୁ । ସେ ଆମ କାର୍ଯ୍ୟରେ ଆମକୁ ପୁରସ୍କୃତ କରନ୍ତି । ବେଳେ ବେଳେ ଆମେ କେତେଜଣ ସେବକମାନଙ୍କର ପିତାମାତାମାନଙ୍କର ଏହି କଥା ଶୁଣୁ, ''ମୋର ପୁଅ ପ୍ରଭୁଙ୍କର ସେବାକାର୍ଯ୍ୟ ଗ୍ରହଣ କରିଛି । ସେ କିପରି ଜୀବନ କାଟିବ, ତାହା ମୋତେ ଚିନ୍ତିତ କରୁଛି ।'' ପ୍ରଭୁଙ୍କ ରାଜ୍ୟ ନିମନ୍ତେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ପୃଥିବୀର ସର୍ବଶ୍ରେଷ୍ଠ ବ୍ୟକ୍ତି ଅଟନ୍ତି । ଈଶ୍ୱର ତାଙ୍କ ରାଜ୍ୟ ନିମନ୍ତେ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ଆଶୀର୍ବାଦ କରିବାକୁ ଇଚ୍ଛା କରନ୍ତି । ନୋହ ମଧ୍ୟ ଈଶ୍ୱର ପ୍ରଦତ୍ତ ସମସ୍ତ କାର୍ଯ୍ୟ ସଂପୂର୍ଣ୍ଣ କରି ପାରିଥିଲେ ।

ଅନେକ ଥର, ଆମେ ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ଯୋଜନାଗୁଡ଼ିକୁ ଗ୍ରହଣ କରି ପାରି ନ ଥାଉ । ଯଦି ଏହା ଆମ ସାମର୍ଥ୍ୟର ବାହାରେ ଥାଏ, ତେବେ ଆମେ ଚିନ୍ତିତ ହେବା ଆରମ୍ଭ କରୁ । ଆମେ ଯାହା କରୁ ବୋଲି ଈଶ୍ୱର ଇଚ୍ଛା କରନ୍ତି, ତାହା ଆମେ କରୁ ବୋଲି ସେ ଆଶା କରନ୍ତି । ସେ ଆମକୁ ଯାହା କରିବାକୁ କହନ୍ତି, ଆମେ ଠିକ୍ ତାହା ହିଁ କରିବା ଉଚିତ୍ ।

ଶେଷରେ, ଆମେ ପାଠ କରୁ, **''ତହିଁରେ ନୋହ ପରମେଶ୍ୱରଙ୍କର ଆଜ୍ଞାନୁସାରେ ସମସ୍ତ କର୍ମ କଲେ''** (ଆଦିପୁସ୍ତକ ୬:୨୨) । ଈଶ୍ୱର ଆରମ୍ଭ କରିଥିବା ସମସ୍ତ କାର୍ଯ୍ୟ ସଂପୂର୍ଣ୍ଣ କରିବେ । ସେ ଆପଣମାନଙ୍କ ଜୀବନରେ ଯାହା ଆରମ୍ଭ କରିଛନ୍ତି, ତାହା ନିଶ୍ଚୟ ସଂପୂର୍ଣ୍ଣ କରିବେ । ସେ ଯେଉଁ ଉଦ୍ଦେଶ୍ୟରେ ଆପଣମାନଙ୍କୁ ଡାକିଛନ୍ତି, ତାହା ନିଶ୍ଚୟ ସାଧନ କରିବେ । ଆପଣମାନଙ୍କୁ କେବଳ ଈଶ୍ୱରଙ୍କୁ ସର୍ବଦା ଭୟ କରିବା ପାଇଁ ପରିବର୍ତ୍ତିତ ହେବାକୁ ପଡ଼ିବ । ଈଶ୍ୱରଙ୍କ ସାକ୍ଷାତ୍‌ରେ ବିଶ୍ୱସ୍ତ ହୁଅନ୍ତୁ । ମିଥ୍ୟା କହନ୍ତୁ ନାହିଁ । ଅନେକେ ସତ୍ୟ କହିବାକୁ ଇଚ୍ଛା କରନ୍ତି । ମାତ୍ର ତାହା ପୂର୍ବରୁ, ସେମାନେ ଗୋଟିଏ ମିଥ୍ୟା କହିବେ । **ଈଶ୍ୱର ମିଥ୍ୟାବାଦୀମାନଙ୍କୁ ବ୍ୟବହାର କରିବେ ନାହିଁ । ନିଜ ନିଜକୁ ନିର୍ଲୋଭ ବ୍ୟକ୍ତି ଭାବରେ ପରିବର୍ତ୍ତିତ କରନ୍ତୁ ।** ଲୋଭକୁ ଘୃଣା କରିବା ପାଇଁ ଚେଷ୍ଟା କରନ୍ତୁ ।

**''ସଦାପ୍ରଭୁ ସୁଜନର ସହବର୍ତ୍ତୀ ହେବେ...''** (୨ ବଂଶାବଳି ୧୯:୧୦) ।

* * *


**We're HIRING**

Qualified, Expeienced & Mission Minded Candidates for

Medavakkam

ST. PAUL'S MATRICULATION SCHOOL :

- PRINCIPAL
- TEACHERS (Social Science, KG etc.,)

for Head Office @ CHEPAUK :

- DTP OPERATORS
- COMPUTER OPERATORS (with Typing)
- DRIVERS

E.mail : samselvaraj333@gmail.com

97908 05460 / 044- 2852 8282


## ଦୟାକରି ଦୃଷ୍ଟି ଦିଅନ୍ତୁ

### ପାଳକ ଏସ୍.ସାମ୍. ସେଲ୍‌ଭାରାଜଙ୍କ ଆତ୍ମ ଜୀବନୀ

ଆମେ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍‌ଙ୍କର ଆତ୍ମ ଜୀବନକୁ ପୁସ୍ତକ ଭାବରେ ପ୍ରକାଶ କରିବାର ଶେଷ ପର୍ଯ୍ୟାୟରେ ଅଛୁ । ଈଶ୍ୱର ପାଳକଙ୍କର ସେବାକାର୍ଯ୍ୟ ମାଧ୍ୟମରେ ଆପଣମାନଙ୍କ ଆତ୍ମିକ ଅଭିବୃଦ୍ଧି ଉପରେ କି ପ୍ରଭାବ ପକାଇଛନ୍ତି, ସେହି ବିଷୟରେ ୧୦ ଧାଡ଼ି ମଧ୍ୟରେ ଆପଣମାନଙ୍କର ସାକ୍ଷ୍ୟ ଆମକୁ ଜଣାନ୍ତୁ ବୋଲି ଅନୁରୋଧ କରୁଅଛୁ । ଏହା ସହିତ, ଯଦି ଆପଣମାନେ ଆତ୍ମ ଜୀବନୀରେ କୌଣସି ଫୋଟୋ ଅନ୍ତର୍ଭୁକ୍ତ କରିପାରିବେ, ତେବେ ଆମେ ଖୁସି ହେବୁ ।

ସମ୍ପାଦକ

RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ‘‘ଆହ୍ୱାନର ପ୍ରତିଧ୍ୱନି ୟୁ–ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **S. Sam Selva Raj** |
| A/C No. | : | **1023 2934 679** |
| IFSC | : | **SBIN 00 00 249** |
| SWIFT CODE | : | **SBI NIN BB 455** |

### *2. Bank : ICICI Bank*

| | | |
|---|---|---|
| Branch | : | **Anna Salai, Chennai-6** |
| Name | : | **Echo of His Call** |
| A/C No. | : | **6038 0502 2319** |
| IFSC | : | **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **Echo of His Call Educational Trust** |
| A/C No. | : | **1023 2923 805** |
| IFSC | : | **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ ‘ଆହ୍ୱାନର ପ୍ରତିଧ୍ୱନି’ ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ‘‘ଆହ୍ୱାନର ପ୍ରତିଧ୍ୱନି’’ ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ‘‘ଆହ୍ୱାନର ପ୍ରତିଧ୍ୱନି’’ ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ‘‘ଆହ୍ୱାନର ପ୍ରତିଧ୍ୱନି’’ କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 19th AUGUST 2024.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

***GOD BLESS YOU!***

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**